# ଅଲିଭା ସ୍ମୃତି

✓ ଯୋଗେନ୍ଦ୍ର ମହାନନ୍ଦ

ମୁଁ ସମ୍ବଲପୁର ଜିଲ୍ଲା ସ୍କୁଲରେ ସ୍ୱର୍ଗୀୟ ନୃସିଂହ ଗୁରୁଙ୍କ ପ୍ରତିଷ୍ଠିତ ଓ ପରିଚାଳିତ ହରିଜନ ଛାତ୍ରାବାସରେ ରହି ପଞ୍ଚମ କ୍ଲାସରେ ଅଧ୍ୟୟନ କରୁଥିଲି । ଗୁରୁଜୀ ଥିଲେ ନୈଷ୍ଠିକ କର୍ମଯୋଗୀ ବ୍ରାହ୍ମଣ । ଛୁଆଁଛୁତ୍ ଭେଦଭାବ ଏବଂ ହୀନମନ୍ୟତାର ଭାବନା ତାଙ୍କ ହୃଦୟକୁ କେବେ ସ୍ପର୍ଶ କରିନଥିଲା । ଯେଉଁ ସମୟରେ ଅସ୍ପୃଶ୍ୟ ବାଳକମାନଙ୍କ ଗହଣରେ ରହି ତାଙ୍କର ଶିକ୍ଷା ଓ ଯତ୍ନ ନେଇ ମଣିଷ ଗଢିଛନ୍ତି ବର୍ତ୍ତମାନ କେତେଜଣ ନୈଷ୍ଠିକ ସବର୍ଣ୍ଣ ଆଗେଇ ଆସିବେ ? ସପ୍ନରେ ମଧ ଜଣେ ଆଗେଇ ଆସିବେ ନାହିଁ । ସାମାଜିକ ଅନ୍ଧ ବିଶ୍ୱାସ ଓ କୁପ୍ରଥା ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳନ କରି ନିଜେ ଉଚ୍ଚ କୂଳରେ ଜନ୍ମ ହୋଇ ମଧ ନିଜ ସମାଜକୁ ପରିତ୍ୟାଗ କରିଥିଲେ । ସେ ସରଳ ଏବଂ ନିରାଡମ୍ବର ଜୀବନ ଯାପନ କରୁଥିଲେ । କିନ୍ତୁ ସରଳତା ଓ ନିରାଡମ୍ବରତା ମଧ୍ୟରେ ଲୁଚି ରହିଥାଏ ସ୍ନେହ, ପ୍ରେମ ଓ ଉଚ୍ଚକୋଟୀର ଦେଶାତ୍ମବୋଧକତା । ଏହା ହିଁ ମାନବୋଚିତ ମହତ୍ ଲୋକଙ୍କର ନୈସର୍ଗିକ ଅଳଙ୍କାର ଅଟେ ।

ପ୍ରାୟ କୋଡିଏଟି ହରିଜନ ବାଳକ ଛାତ୍ରବାସରେ ଥାଉଁ । ଆମ୍ଭମାନଙ୍କର ଖାଇବା ଏବଂ କାଗଜ ବହି ଖର୍ଚ୍ଚ ସମସ୍ତ ଲୋକମାନଙ୍କ ଠାରୁ ଚାନ୍ଦାଆକାରେ ସଂଗ୍ରହ କରି ଆମ୍ଭର ଦୈନନ୍ଦିନ ଖର୍ଚ୍ଚ ତୁଲାଉଥିଲେ । ତତ୍ ସଂଗେ ସଂଗେ ଭାରତ ମାତାର ସ୍ୱାଧୀନତା ଆନ୍ଦୋଳନର ଜଣେ ସୈନିକ ଭାବରେ ଗ୍ରାମ ଗ୍ରାମ ବୁଲି ପ୍ରଚାର କରୁଥାନ୍ତି ।

ଦିନକର ଅଲିଭା ସ୍ମୃତି ମୋର ଶେଷ ଜୀବନରେ ସ୍ମରଣ କଲେ କାଲି ଘଟିଲାପରି ଲାଗୁଛି । ୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହର ଘଟଣା । ଉତ୍କଳର ବରେଣ୍ୟ ନେତା ଋଷି ପ୍ରତିମ ଆଚାର୍ଯ୍ୟ ହରିହର ଦାଶ, ସମ୍ବଲପୁର ଜିଲ୍ଲାର ଜଣେ କୃତି ସନ୍ତାନ ✓ ଦୟାନନ୍ଦ ଶତପଥୀ ଏବଂ ସ୍ୱୟଂ ଗୁରୁଜୀ ଏହି ତ୍ରିମୂର୍ତ୍ତି ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପରି ଗୁରୁଜୀଙ୍କ ରହିବା ଛୋଟ ବସାଘରେ ମିଳିତ ହୋଇ ଭାରତର ସ୍ୱାଧୀନତା ଏବଂ ଗାନ୍ଧିଜୀଙ୍କ "କର ବା ମର ପଣ" ଓ ଇଂରେଜମାନଙ୍କ ଭାରତ ଛାଡ ବିଷୟ ବସ୍ତୁ ଉପରେ ଆଲୋଚନା କରୁଥାନ୍ତି । ଏହି ଆଲୋଚନାର ଶେଷରେ ଗୁରୁଜୀ କହିଲେ, "ଜନ୍ମ ସଙ୍ଗେ ସଙ୍ଗେ ମୃତ୍ୟୁ ଆସିଛି ତେଣୁ ଭାରତ ମାତାର ମୁକ୍ତି ନିମନ୍ତେ ମୃତ୍ୟୁ ବରଣ କରିବା ଆମ୍ଭମାନଙ୍କ ପକ୍ଷରେ ଶ୍ରେୟସ୍କର ଅଟେ ।"ଆଲୋଚନା ଶେଷପରେ ଆଚାର୍ଯ୍ୟ ମାହାଶୟ ଓ ଦୟାନନ୍ଦ ଶତପଥୀ ଉଭୟ ମିଶି ସମ୍ବଲପୁର ସହରକୁ ଚାଲିଗଲେ । । ଠିକ ସେମାନଙ୍କ ଚାଲି ଯିବାର ଦୁଇ ଘଣ୍ଟା ପରେ ଗୋଟିଏ ମୋଟର କାର ଶବ୍ଦ ଆମ୍ଭ ଛାତ୍ରବାସର ପଛପଟେ ଶୁଣାଗଲା । ସେତେବେଳେ ଗୁରୁଜୀ କିଛି ଜଳପାନ କରି ଅରଟରେ ସୂତା କାଟୁଥାନ୍ତି । ମୋଟର କାର ଚାଳକ ଧିରେ ଧିରେ ଚକ୍ ଚକ୍ କାର୍‌ଟି ଆଣି ଛାତ୍ରାବାସର ସମ୍ମୁଖରେ ଠିଆ କଲା । ସେହି କାର ଭିତରେ ଥିଲେ ଜଣେ ଗୋରା ତକ୍ ତକ୍ ସୁନ୍ଦର ସାଢେ ପାଞ୍ଚଫୁଟ ଲମ୍ବର ମଣିଷ । ଛାତ୍ରମାନେ ଭୟଭୀତ ହୋଇ ଛାତ୍ରାବାସ ଭିତରକୁ ପଶିଗଲେ । ମୁଁ କିନ୍ତୁ ନିର୍ଭୀକ ଭାବରେ ଦଣ୍ଡାୟମାନ ହୋଇ ସମସ୍ତ ଘଟଣା ଦେଖୁଥାଏଁ । କାର୍ ଭିତରରୁ ଓହ୍ଲାଇ ଗୋରା ଲୋକଟି ଗୁରୁଜୀଙ୍କ ଆଡକୁ ଆଗେଇଲେ । ସେ ଥିଲେ ସମ୍ବଲପୁର ଜିଲ୍ଲାର ହର୍ତ୍ତାକର୍ତ୍ତା ଶ୍ରୀମାନ ଲର୍ଡ ଆର୍ ଜୀବେଲ ଡେପୁଟୀ କମିଶନର । ଗୁରୁଜୀଙ୍କ ନିକଟକୁ ସ୍ମିତ ସ୍ମିତ ହସରେ ଡେପୁଟୀ କମିଶନର ଗଲେ ଏବଂ ଦୁଇହାତ ଯୋଡ଼ି ଗୁରୁଜୀଙ୍କୁ ନମସ୍ତେ କଲେ । ଗୁରୁଜୀ ମଧ ଅନୁରୁପ ନମସ୍ତେ କଲେ । ଗୁରୁଜୀଙ୍କୁ ଡେପୁଟୀ କମିଶନର ପଚାରିଲେ , "ଗୁରୁଜୀ ଆପଣ ଭଲ ଅଛନ୍ତିତ ?" ଗୁରୁଜୀ ପ୍ରତିଉତ୍ତର ଦେଇ କହିଲେ, "କିପରି ଭଲ ରହିବି ଆପଣମାନେତ ଆଜି ପର୍ଯ୍ୟନ୍ତ ଭାରତକୁ ସ୍ୱାଧୀନତା ଦେଇ ନାହାଁନ୍ତି । "ଏହି ନିର୍ଭୀକ ବକ୍ତ ଉତ୍ତରରେ ଡେପୁଟୀ କମିଶନର ଗମ୍ଭୀର ଭାବରେ ପ୍ରାୟ ଦୁଇମିନିଟ ଦଣ୍ଡାୟମାନ ହୋଇ ଶେଷରେ କହିଲେ, "ଗୁରୁଜୀ ବର୍ତ୍ତମାନ ଆପଣ ରାଜବନ୍ଦୀ, ଆପଣଙ୍କୁ ନେବା ପାଇଁ ଆସିଛି" । ଗୁରୁଜୀ ସଙ୍ଗେ ସଙ୍ଗେ ଦୁଇଖଣ୍ଡ ଗାମୁଛା ଏବଂ ଦୁଇଖଣ୍ଡ ଧୋତି ପିନ୍ଧିବା ପାଇଁ ଧରି କାର ଭିତରେ ଯାଇ ବସିଲେ ଏବଂ ଆମ୍ଭମାନଙ୍କୁ ଡାକି କହିଲେ , "ପିଲେ ମୁଁ ବର୍ତ୍ତମାନ ରାଜବନ୍ଦୀ ଏବଂ ଜେଲଘରକୁ ଯାଉଛି । ତୁମ୍ଭେ ଭଲ ଭାବରେ ପଢାଶୁଣା କରୁଥିବ । "

ଏହି ଘଟଣା ମନେ ପଡିଲେ ବର୍ତ୍ତମାନ ଯେଉଁ ଲୁଟେରା, ନିଶାସକ୍ତ ଦୁର୍ନୀତିପରାୟଣ ଦେଶସେବକ ବାହାରିଛନ୍ତି ଦେଖିଲେ ଘୃଣା ଲାଗେ । ଭାରତର ସ୍ୱାଧୀନତା ପାଇଁ କୋଟି କୋଟି ମଣିଷ କାରାବରଣ କରିଛନ୍ତି, କୋଟି କୋଟି ଲୋକ ଧନ ଜୀବନ ତ୍ୟାଗ କରଛନ୍ତି । ଆଜି ତାଙ୍କରି ତ୍ୟାଗରେ ଆମ୍ଭେ କେତେକ ମୁଷ୍ଟିମେୟ ଅବାଞ୍ଛିତ ଲୋକ ଭୋଗ ବିଳାସ ମଉଜ୍ ମଜ୍‌ଲିସରେ ଦିନ କାଟୁଛୁଁ । ଯେଉଁ ଉଦ୍ଦେଶ୍ୟରେ ଦେଶକୁ ସ୍ୱାଧୀନ କରାଗଲା ତା ସେହି ଉଦ୍ଦେଶ୍ୟ ଫସର ଫାଟିଛି । ଆଜିବି କୋଟି କୋଟି ଲୋକ ମୁଠିଏ ଖାଇବାକୁ ଖଣ୍ଡିଏ ପିନ୍ଧିବାକୁ ପାଉନାହାଁନ୍ତି । କାହିଁ ସେହି ତ୍ୟାଗୀ,ବୈରାଗୀ ? କାହିଁ ସେ ଦେଶଭକ୍ତ ? ଆଜି ଦିନ ଆସିଛି ପ୍ରତ୍ୟେକେ ଆତ୍ମ ସମୀକ୍ଷା କରି ନିଜକୁ ନିଜେ ପଚାରିବା ଉଚିତ୍, ମୁଁ ପ୍ରକୃତ ବିଗତ ଦେଶ ଭକ୍ତ ମାନଙ୍କର ଉପଯୁକ୍ତ ଦାୟାଦ କି ? ମାନବ ଇତିହାସ କେବେ ହେଲେ କ୍ଷମା ଦେବ ନାହିଁ କି ଭୁଲି ଯିବ ନାହିଁ । କବି ପଦ୍ମଚରଣ

ପଟନାୟକ ଯଥାର୍ଥରେ ଲେଖିଛନ୍ତି

କ୍ଷୁଦ୍ର ମଞ୍ଜି ଉପୁଜାଏ ମହାଦ୍ରୁମ ଶତ ଶତ ,
ଦେଶ ଭକ୍ତ ସାଧୁ ଭକ୍ତ ନୁହେଁ ଭକ୍ଷ୍ମେ ପରିଣତ ।

ଗୁରୁଜୀ ଜଣେ ଉଚ୍ଚକୋଟୀର ଦେଶଭକ୍ତ । ଜୀବନର ଶେଷ ପର୍ଯ୍ୟନ୍ତ ଅସ୍ପୃଶ୍ୟତା ବିରୁଦ୍ଧରେ ସଂଗ୍ରାମ କରିଛନ୍ତି । ସେ ଦଳିତ ଲୋକମାନଙ୍କର ପ୍ରାତଃ ସ୍ମରଣୀୟ ହୋଇ ରହିଥିବେ ।